# ସମାଜ

## ତାରିଖ:୨୩.୦୩.୨୦୧୫

# ବିଆଇଆଇଟିଏମ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨ ୨।୩(ବ୍ୟୁରୋ)-ବିଜୁପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ ଇନଫରମେସନ ଟେକ୍‌ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍(ବିଆଇଆଇଟିଏମ୍)ର ୧୫ତମ ବାର୍ଷିକ ଉତ୍ସବ ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଲ୍‌ଆଣ୍ଡଟି କାଂଶବାହାଲର ମାନବ ସମ୍ବଳ ମୁଖ୍ୟ ଡ. ଆର୍‌କେ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ



ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ହେବାକ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସମ୍ପାଦକ ଦିଲ୍ଲୀପ ଶତପଥୀ ଯୋଗଦେଇ ସାମ୍ପ୍ରତିକ ଅର୍ଥନୈତିକ ପରିସ୍ଥିତିରେ ବ୍ୟବସାୟିକ ସଫଳତା ଉପରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଇନ୍‌ଫୋସିସ୍, ଭୁବନେଶ୍ୱର ମାନବ ସମ୍ବଳ ମୁଖ୍ୟ ବବି ପଟ୍ଟନାୟକ ଏବଂ ଆକ୍ସିସ୍ ବ୍ୟାଙ୍କର ଭାଇସ ପ୍ରେସିଡେଣ୍ଟ ଜଗଦୀଶ ପଟ୍ଟନାୟକ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଇଂ ପି.ଆର୍ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ଡକ୍ଟର ପି.କେ ତ୍ରିପାଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଗତ ଦୁଇ ବର୍ଷରେ ନବେ ପ୍ରତିଶତରୁ ଅଧିକ ପ୍ଲେସମେଣ୍ଟ ପାଇଁ ଶିକ୍ଷକ, ଛାତ୍ର ଓ ପ୍ଲେସମେଣ୍ଟ ବିଭାଗର ପ୍ରଶଂସା କରିଥିଲେ। ଏହି ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସହକାରୀ ପ୍ରଫେସର ବିଦ୍ୟା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।